To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

R.N.I. No.-42041/83 Vol-16, Issue No.16, ଭଦ୍ରକ,ବୁଧବାର, ୧୧, ଜୁଲାଇ ୨୦୧୮ ■ Bhadrak, Wednesday, 11 July 2018 Rs. 2.00 Pages-8

ପ୍ଲାଷ୍ଟିକ୍ ବ୍ୟବହାରକୁ 'ନା'

- ଅକ୍ଟୋବର ୨ରୁ ପ୍ଲାଷ୍ଟିକ୍ ପଲିଥିନ୍ ବ୍ୟାନ୍
- ଆସନ୍ତା ୨ ବର୍ଷରେ ରାଜ୍ୟରେ ପଲିଥିନ୍‌କୁ ସମ୍ପୂର୍ଣ୍ଣ ନିଷେଧ
- ପ୍ରଥମ ପର୍ଯ୍ୟାୟରେ ସବୁ ମହାନଗର ନିଗମ ଓ ପୁରୀରେ ଲାଗୁ ହେବ କଟକଣା

ଭୁବନେଶ୍ୱର, ୧୦।୭ (ସକାଳ ଖବର): ପରିବେଶ ସୁରକ୍ଷା ପାଇଁ ଆସନ୍ତା ୨ ବର୍ଷରେ ରାଜ୍ୟରେ ପଲିଥିନ୍‌କୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯିବ । ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀ ଠାରୁ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ।

ମଙ୍ଗଳବାର ଦିନ ରାଜ୍ୟ ସଚିବାଳୟ ଠାରେ ଆମ ମୁଖ୍ୟମନ୍ତ୍ରୀ ଆମ କଥା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପରିବେଶ ସଚେତନତା ବାର୍ତା ଦେବା ସହିତ ପ୍ଲାଷ୍ଟିକ୍ ନିଷିଦ୍ଧ ସମ୍ପର୍କରେ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ଲାଷ୍ଟିକ୍ ଆମ ପରିବେଶ ପାଇଁ ବିପଦ। ପ୍ଲାଷ୍ଟିକ୍ ଆମ ପିଲାଙ୍କ ଭବିଷ୍ୟତ ଓ ସଭ୍ୟତା ପାଇଁ ବଡ ବିପଦ । ତେଣୁ ଓଡିଶାରୁ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିବାପାଇଁ ନିଷ୍ପତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୨ ତାରିଖରୁ ଓଡିଶାର ସମସ୍ତ ମହାନଗର ନିଗମ ଓ ପୁରୀରେ ପ୍ଲାଷ୍ଟିକ୍ ନିଷିଦ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଏହାଦ୍ୱାରା ରଜ୍ୟରେ ପ୍ଲାଷ୍ଟିକ୍ ବ୍ୟାଗ୍ , ପଲିଥିନ୍ ଏବଂ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ସାମଗ୍ରୀକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ । ସହରାଂଚଳରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବ ଏବଂ ଗ୍ରାମାଂଚଳ ପାଇଁ ପଂଚାୟତିରାଜ ବିଭାଗକୁ ଏହି ଦାୟିତ୍ୱ ଦିଆଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ସାରା ରାଜ୍ୟରେ ପ୍ଲାଷ୍ଟିକ୍ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟ ତଦାରଖ କରିବ।

ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗଛ ଆମ ସଂସ୍କୃତି ସହିତ ଯୋଡି ହୋଇ ରହିଛି। ଜୀବ ଜଗତ ପାଇଁ ଗଛର ଗୁରୁତ୍ୱପୂର୍ଣ୍ଣ। ତେଣୁ ଚଳିତ ବର୍ଷା ଋତୁରେ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇ ନିଜ ପରିବାର ପରି ତାର ଯତ୍ନ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଛ ରହିଲେ ପରିବେଶ ଭଲ ରହିବ , ପରିବେଶ ଭଲ ରହିଲେ ଆମେ ସୁସ୍ଥ ରିବା ଏବଂ ପରିବାର ଓ ସମାଜର ଉନ୍ନତି ପାଇଁ କାମ କରିପାରିବା। ଗତ କିଛି ବର୍ଷ ହେଲା ରାଜ୍ୟରେ ଜଙ୍ଗଲ ପରିମାଣ ବୃଦ୍ଧି ପାଇ ଜାତୀୟ ହାର ଠାରୁ ଆଗରେ ରହିଥିବାରୁ ଏ ଦିଗରେ ସମସ୍ତଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ **(ପୃଷ୍ଠା-୭)**

ମୃତ୍ୟୁକୁ ଜିତିଲେ

ସମସ୍ତ ଖେଳାଳି ଓ କୋଚ୍ ସୁରକ୍ଷିତ ଉଦ୍ଧାର

ବ୍ୟାଙ୍କକ୍, ୧୦।୭ : କଥାରେ ଅଛି, ଯାହାକୁ ରଖିବେ ଅନନ୍ତ, କି କରି ପାରେ ବଳବନ୍ତ । କଥାଟା ସତ୍ୟ ପ୍ରମାଣିତ ହେଲା । ଲଗାଣ ବର୍ଷା, ଅନ୍ଧାରୀ ଗୁମ୍ଫା, ଅକ୍ସିଜେନ୍‌ର ଅଭାବ ସତ୍ତ୍ୱେ ସେମାନେ ମୃତ୍ୟୁକୁ ଜୟ କରିଛନ୍ତି । ଆମେ କହୁଛୁ ଥାଇଲ୍ୟାଣ୍ଡର ଲୁଆଙ୍ଗ୍ ଗୁମ୍ଫାରୁ ସଫଳତାର ସହ ଉଦ୍ଧାର ପାଇଥିବା ୧୨ କିଶୋର ଫୁଟବଲ ଖେଳାଳୀ ଓ ସେମାନଙ୍କ କୋଚ୍‌ଙ୍କ କଥା । ମୃତ୍ୟୁକୁ ପାଖରେ ଦେଖୁଥିଲେ ସେମାନେ । ପ୍ରତି ମୁହୂର୍ତ୍ତରେ ଡର, ଆତଙ୍କ । ଏକାଠି ଥିଲେ ବି ମୃତ୍ୟୁ ସେମାନଙ୍କୁ ପରାସ୍ତ କରିଦେବ, ଏହି ଭୟ ଆତଙ୍କିତ କରି ରଖିଥିଲା । ଦିନେ କି ଦୁଇଦିନ ନୁହେଁ ଦୀର୍ଘ ୧୮ ଦିନ କାଳ ଅନ୍ଧାରୀ ଗୁମ୍ଫାରେ କଟିଗଲା ସେମାନଙ୍କ ସମୟ । ହେଲେ ଗତ ୨୩ ତାରିଖରେ ଉତ୍ତର ଥାଇଲ୍ୟାଣ୍ଡର ୧୧ ଜଣ ଫୁଟବଲ ଖେଳାଳି ମ୍ୟାଚ୍ ସାରିବା ପରେ ସେମାନଙ୍କ କୋଚ୍‌ଙ୍କ ସହ ଉତ୍ସୁକତା ବଶତଃ ଏହି ଗୁମ୍ଫାରେ ପ୍ରବେଶ କରିଥିଲେ । ତେବେ ପ୍ରବଳ ବର୍ଷାରେ ଗୁମ୍ଫାରେ ପାଣି ପଶିଯିବାରୁ ଏହି ଖେଳାଳିମାନେ ବାଟ ଭୁଲି ତା ଭିତରେ ଫସି ରହିଥିଲେ । ଗୁମ୍ଫା ମୁହଁଠାରୁ ପ୍ରାୟ ୪ କିଲୋମିଟରେ ଦୂରରେ ଏମାନେ **(ପୃଷ୍ଠା-୭)**

ଭୁଷୁଡିବ ସେତୁ !

- ଭାରିଯାନ ଚଳାଚଳ ବନ୍ଦ କେବେ ?
- ଆତଙ୍କିତ ଜନସାଧାରଣ



ଆନନ୍ଦପୁର, ୧୦।୭ (ସକାଳ ଖବର): ଆନନ୍ଦପୁରର ବୈତରଣୀ ନଦୀ ସେତୁ ଏବେ ବିପଦ ସଙ୍କୁଳ। ସେତୁର ଗୋଟିଏ ପିଲାରରୁ ବେରିଂ ଖସିପଡ଼ିବାପରେ ଏଭଳି ପରିସ୍ଥିତି ସୃଷ୍ଟିହୋଇଛି। ଯେଉଁ ପିଲରରୁ ବେରିଂ ଖସିଛି ଠିକ ସେହି ସ୍ଥାନରେ ସେତୁ ଦବିବା ଆରମ୍ଭ ହୋଇଛି। ଯାହାକି ସେତୁର ବାଡ଼ାକୁ ଲକ୍ଷକଲେ ଜଣାପଡ଼ିବ। ଆନନ୍ଦପୁରର ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ଯାଇଥିବାବେଳେ ଏକ ଟେକନିକାଲ ଟିମ ମଧ ଇତି ମଧ୍ୟରେ ଘଟଣାର ଅନୁଧାନ କରି ଫେରିଛନ୍ତି। ତେବେ ବିଭାଗୀୟ ଅଧିକାରୀ ତଥା ରାସ୍ତା ଓ ଗୃହନିର୍ମାଣ ବିଭାଗ ସହକାରୀ ଅଧିକାରୀଙ୍କ କହିବା ଅନୁଯାୟୀ, ଏକ ଟେକନିକାଲ ଟିମ ଇତିମଧରେ ଘଟଣାର ଅନୁଧାନ କରି ଫେରିଛନ୍ତି। ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ଏ ସମ୍ବନ୍ଧରେ ସମସ୍ତ ତଥ୍ୟ ଉପସ୍ଥାପନ କରିଛୁ। ବିଭାଗୀୟ ଯନ୍ତ୍ରୀଙ୍କ ପକ୍ଷରୁ ଏକ ଟିମ ଘଟଣାସ୍ଥଳ ପରିଦର୍ଶନ କରି ଫେରିବା ପରେ ସେତୁର ରିପ୍ୟାରିଂ କାର୍ଯ୍ୟ ସମ୍ବନ୍ଧରେ ଯାହା କିଛି ତଥ୍ୟ ମିଳିବ। ତେବେ ସେତୁ ଦବିଥିବା ସ୍ଥାନରେ ଭାରିଯାନ ଚଳାଚଳକୁ ବନ୍ଦ କରିବା ନିମନ୍ତେ ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସୋମବାର ଲେବର ସମସ୍ୟା ରହିବାର ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇ ପାରିନଥିଲା। ତେବେ ସମ୍ପୃକ୍ତ ସ୍ଥାନରେ ବାଲିବସ୍ତା ରଖାଯାଇ ଭାରିଯାନ ଧିରେ ଧିରେ ଚଳାଚଳ କରାଯିବାକୁ ନିର୍ଦ୍ଦେଶନାମା ବୋର୍ଡ଼ ଲଗାଯିବ ବୋଲି ସହକାରୀ ଅଧିକାରୀ ସମୀର ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଘସିପୁରା ଓ ଆନନ୍ଦପୁର ସହିତ ଯୋଗାଯୋଗ ପାଇଁ ଡଙ୍ଗା ଏକମାତ୍ର ମାଧମ ରହିଥିଲା। ତେବେ ଆନନ୍ଦପୁରବାସୀ ଏକ ସେତୁ ନିର୍ମାଣ ଦାବିରେ ୧୯୭୮ ମସିହାରେ ଆନ୍ଦୋଳନ ଆରମ୍ଭ କରିଥିଲେ। ଧାରଣା ଓ ଅନସନ ପରେ ଆନନ୍ଦପୁର ଠାରେ ବୈତରଣୀ ନଦୀ ଉପରେ ସେତୁ ନିର୍ମାଣ ହେବାପାଇଁ ମୋହର ଲାଗିଥିଲା। ଏହିକ୍ରମରେ ୧୯୮୦ ମସିହା ଠାରୁ ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୧୯୮୫ ମସିହାରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଯାହାକି **(ପୃଷ୍ଠା-୭)**

୧୮ରେ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ମାଲକାନଗିରି, ୧୦।୭ (ସକାଳ ଖବର): ଚିତ୍ରକୋଣ୍ଡା ବିଚ୍ଛିନ୍ନାଂଚଳର ଲାଇଫ ଲାଇନ କୁହାଯାଇଥିବା ଗୁରୁପ୍ରୀୟା ସେତୁ ନିର୍ମାଣ କାର୍ଯ୍ୟ ଅନେକ ଦିନହେଲା ସରିଲାଣି । ଏହାକୁ କେନ୍ଦ୍ରୀୟ ଅନୁଧ୍ୟାନକାରି ବିଶେଷଜ୍ଞ ଦଳ ଓ ରାଜ୍ୟ ବିଶେଷଜ୍ଞ ଦଳ ଅନୁଧ୍ୟାନ ସାରି ଫେରଗଲେଣି । ଖୁବ ଶିଘ୍ର ଉକ୍ତସେତୁ ଉଦଘାଟନ ହେବବୋଲି ରାଜ୍ୟସରକାର ଘୋଷଣା କରିଥିବା ବେଳେ ଏହି ସେତୁ ଉଦଘାଟନ ପର୍ବ ଘୁଚିଂ ଘୁଚିଂ ଯିବା ପରି ଦିନ ଗଡିଚାଲିଥିଲା , ଶେଷରେ ଏହି ସେତୁ ଉଦଘାଟନିର ତାରିଖ ରାଜ୍ୟସରକାର ଧାର୍ଯ୍ୟ କରିଛନ୍ତି । ଆସନ୍ତା ୧୮ତାରିଖରେ ବହୁପ୍ରତିକ୍ଷିତ ଗୁରୁପ୍ରୀୟା ସେତୁ ଉଦଘାଟନି ମୁଖ୍ୟମନ୍ତ୍ରୀ ଶ୍ରୀ ନବିନପଟନାୟକ ଙ୍କ କରକମଳରେ ହେବ ବୋଲି ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ସିସା ଆଜି ଗଣମାଧ୍ୟମକୁ ସୁଚନା **(ପୃଷ୍ଠା-୭)**

ପପୁଙ୍କୁ ଚିହ୍ନିହେଉନି

ଭୁବନେଶ୍ୱର, ୧୦।୭ (ସକାଳ ଖବର): ଓଲିଉଡ୍‌ର ହାସ୍ୟ ଅଭିନେତା ତତ୍ୱ

ପ୍ରକାଶ ଶତପଥୀ ଓରଫ୍ ପପୁ ପମପମ୍ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ତାଙ୍କର ବର୍ତ୍ତମାନର ଚେହେରାକୁ ସହଜରେ ପପୁ ପମ୍ ପମ୍‌ବୋଲି ଚିହ୍ନିପାରୁନାହାନ୍ତି ତାଙ୍କର ବହୁ ପ୍ରଶଂସକ । ପାନକ୍ରିୟାସ୍ ଜନିତ ରୋଗରେ ପିଡୀତ ହୋଇ ପପୁ ଦିଲ୍ଲୀସ୍ଥିତ ଏମସ୍ ଠାରେ ଚିକିତ୍ସାଧୀନ ଥିଲେ। ସୋମବାର **(ପୃଷ୍ଠା-୭)**

ସୁସ୍ଥ ହେଲେ ମହାପ୍ରଭୁ

ପୁରୀ, ୧୦।୭ (ସକାଳ ଖବର): ଅଣସରରେ ଜ୍ୱରରୋଗରେ ପଡ଼ିଥିବା ମହାପ୍ରଭୁ ଏବେ ପୁର୍ଣ୍ଣ ସୁସ୍ଥ ଏକାଦେଶୀ ତିଥୀରେ ଶ୍ରୀମନ୍ଦିରରେ ଖଳି ଲାଗି ଫଳିଲାଗି ପରେ ମହାପ୍ରଭୁଙ୍କୁ ନାଲ ବସ୍ତ୍ର ଅର୍ପଣ ସହ ତୁଳସୀ ଲାଗିକରାଯାଇଥିଲା। ମହାପ୍ରଭୁଙ୍କ ସୁସ୍ଥ ହେବା ଖବର ଗଜପତିଙ୍କୁ ଜଣାଇଛନ୍ତ ଦଇତାପତି ଓ ପତିମହାପାତ୍ର ଦ୍ୱାଦଶୀ ତିଥୀରେ ରାଜପ୍ରସାଦ ବିଜେ ନିତିରେ ଦଇତାପତିମାନେ ମହାପ୍ରଭୁଙ୍କ ସୁସ୍ଥହେବା ଖବର ଗଜପତିଙ୍କୁ ଦେଇଛିନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିବା ପରେ ପତିମହାପାତ୍ର ଓ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ପ୍ରସାଦକୁ ଧରି ଶ୍ରୀନରକୁ ଯାଇଥିଲେ। ୪ଟି ରୁପାଥାଳିରେ କରାଳ,ଚନ୍ଦନ,ପାଟଡ଼ୋରି ଓ

୧୬ରେ ଗର୍ଭଗୃହ ଯାଞ୍ଚ

ପୁରୀ, ୧୦।୭ (ସକାଳ ଖବର): ଶ୍ରୀଜୀଉମାନେ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ। ଏହା ସମୟରେ ଶ୍ରୀମନ୍ଦିର ଜଗମୋହନ ଶୀତଳୀକରଣ କାର୍ଯ୍ୟ ଶେଷ କରିବାକୁ ଏଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଏନେଇ ବୁଧବାର ବୈଠକ ହୋଇଥିଲା।ଆସନ୍ତା ୧୬ତାରିଖ ପୂର୍ବାହ୍ନ ୧୦ଟାରେ ବିଶେଷଜ୍ଞମାନେ ଶ୍ରୀମନ୍ଦିରକୁ ଯାଇ ଗଭଗୃହର ପ୍ରଥମ ଓ ଦ୍ୱିତୀୟ ମହଲା,ଜଗମୋହନ,ନାଟମଣ୍ଡପ ସ ଭୋଗମଣ୍ଡପର ଅବସ୍ଥା କିଭଳି ରହିଛି ତାହାକୁ ଯାଂଚ କରିବାକୁ ସ୍ଥିର ହୋଇଛି। ଯାଂଚକାରୀ ଦଳରେ କୋର କମିଟି ସଦସ୍ୟ ବୈଷୟିକ ବିଶେଷଜ୍ଞ,ଏଏସଆଇ ଓ ମନ୍ଦିର ପଦାଧିକାରୀ ସମେତ ପୂତ ବିଭାଗର ଯନ୍ତ୍ରୀମାନେ ସାମିଲ ହେବେ ବୋଲି ସୁଚନା ମିଳିଛି। କମିଟିର ଅଧକ୍ଷ ତଥା ଖଡ଼ଗ ପୁରସ୍ଥିତ ଆଇଆଇଟିର ପୂର୍ବତନ ପ୍ରଫେସର ଏ.ପି.ଗୁପ୍ତାଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନେ ଶ୍ରୀମନ୍ଦିର ଯାଂଚ କରିବେ।



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।

ହୁଣ୍ଡିର ଆୟ (୫.୭.୧୮)
୫୧,୦୭୦

ଆଇଏଏସ୍ ବିନୋଦ କୁମାରଙ୍କ ସମେତ ୪ ଜଣଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି

ଭୁବନେଶ୍ୱର, ୧୦।୭ (ସକାଳ ଖବର): ଓଡ଼ିଶା ଗ୍ରାମ୍ୟ ଗୃହନିର୍ମାଣ ନିଗମ(ଓଆରଏଚଡିସି) ଆର୍ଥିକ ଅନିୟମିତତା ମାମଲାରେ ଏହାର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ତଥା ଆଇଏଏସ ଅଧିକାରୀ ବିନୋଦ କୁମାରଙ୍କ ସମେତ ମୋଟ୍ ୪ ଜଣଙ୍କୁ ହାଇକୋର୍ଟଙ୍କ ପକ୍ଷରୁ ସାମୟିକ ଆଶ୍ୱସ୍ତି ମିଳିଛି। ଚୂଡ଼ାନ୍ତ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ବିନୋଦ କୁମାର ଓ ଅନ୍ୟ ୪ ଜଣଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ହାଇକୋର୍ଟ ରାୟ ଦେଇଛନ୍ତି। ମାମଲାର ପରବର୍ତୀ ଶୁଣାଣି ଆସନ୍ତା ୧୯ ତାରିଖରେ ହେବ।

ସୂଚନାଯୋଗ୍ୟ ଯେ ଓଆରଏଚଡିସି ଦୁର୍ନୀତି ମାମଲାରେ ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଓଆରଏଚଡିସିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର , ତତ୍କାଳୀନ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ , ଆକାଉଂଟାଂଟ ପ୍ରଦୀପ ରାଉତ ଓ ଚିତରଞ୍ଜନ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଜଣେ **(ପୃଷ୍ଠା-୭)**

ୟୁଏନ୍ ରିପୋର୍ଟ୍ ଖୋଲିଲା ପାକ୍‌ର ଅସଲି ମୁଖା

ରିପୋର୍ଟ ଫିକ୍ସ କରିଥିଲା

ନୂଆଦିଲ୍ଲୀ,୧୦।୭ : ଆତଙ୍କବାଦର ଦେଶ ପାକିସ୍ତାନ ସବୁଥିରେ ଫିକ୍ସ କରିବାରେ ମାହିର । ସେ ରାଜନୀତି ହେଉ, କ୍ରୀଡ଼ା ହେଉ, ବାଣିଜ୍ୟ ହେଉ ସବୁଥିରେ ଦୋନମ୍ବରି କରିବାରେ ୧ନଂ । ୟୁନାଇଟେଡ୍ ନେସନ (ୟୁଏନ୍) ଗତ କିଛି ଦିନ ତଳେ କାଶ୍ମୀର ସମ୍ବନ୍ଧରେ ଜାରି କରିଥିବା ମାନବାଧିକାର ଉଲଙ୍ଘନ ରିପୋର୍ଟ୍ ସମ୍ପର୍କରେ ଏକ ନୂଆ ଖୁଲାସା ହୋଇଛି । ଯେଉଁଥିରେ ଏହି ରିପୋର୍ଟ୍‌କୁ ଫିକ୍ସ କରାଯାଇଥିବା ଜଣାପଡିଛି । କାନାଡାରେ ଥିବା ପାକିସ୍ତାନୀ ଇସଲାମୀ ସମୂହର ମୁଖ୍ୟ ଜାଫର ବଂଗାଶ କହିଛନ୍ତି କି, ଯେଉଁ ବ୍ୟକ୍ତି ଏହି ରିପୋର୍ଟ୍ ପ୍ରସ୍ତୁତ କରିଛନ୍ତି ସେ ତାଙ୍କର ସମ୍ପର୍କୀୟ । ୟୁନାଇଟେଡ୍ ନେସନର ମାନବାଧିକାର ଉଚ୍ଚାୟୁକ୍ତ ଜେଦ୍ ରୋଡ୍ ଅଲ୍ ହୁସେନ ଯେଉଁ ସମୟରେ ଏହି ରିପୋର୍ଟକୁ ପ୍ରସ୍ତୁତ କରୁଥିଲେ ସେହି ସମୟରେ ବଂଗାଶ ତାଙ୍କ ସହ ଲଗାତାର ଭାବେ ସମ୍ପର୍କରେ ରହୁଥିଲେ । ଏପରି କି ଉଭୟଙ୍କ ମଧ୍ୟରେ ଇ-ମେଲ୍ ମାଧମରେ ଆଲୋଚନା ହୋଇଥିଲା । ଏଏନଆଇର ରିପୋର୍ଟ୍ ମୁତାବକ ଜଫର ବଙ୍ଗାଶ ଟରୋଂଟୋରେ ରୁହନ୍ତି । ସେ ଜଣେ ଇସଲାମିକ୍ ସାମ୍ବାଦିକ । ଜାଫର କାଶ୍ମୀର ପ୍ରସଙ୍ଗରେ ଏକ ସମ୍ମିଳନୀରେ କହିଥିଲେ କି, ୟୁଏନର ମାନବାଧିକାର ଉଚ୍ଚାୟୁକ୍ତ ଯେଉଁ ସମୟରେ ରିପୋର୍ଟ୍ ପ୍ରସ୍ତୁତ କରୁଥିଲେ, ସେହି ସମୟରେ ଉଭୟଙ୍କ ମଧ୍ୟରେ ଆଲୋଚନା ମଧ ହେଉଥିଲା । ସେ ଆହୁରି ମଧ କହିଛନ୍ତି କି, ପାକିସ୍ତାନ ବୈଦେଶିକ ମନ୍ତ୍ରାଳୟ ସହ ଏନେଇ କଥାବାର୍ତ୍ତା କରାଯାଇଥିଲା । ୟୁଏନ ଉଚ୍ଚାୟୁକ୍ତ ଅଲ୍ ହୁସେନଙ୍କୁ ପାକ୍ ଅଧିକୃତ କାଶ୍ମୀରରେ ସମ୍ମାନ ଜଣାଇବା ଯାଏଁ କଥା ଯାଇଥିଲା । **(ପୃଷ୍ଠା-୭)**

୨ ମାସ ମଧ୍ୟରେ ଲୋକାୟୁକ୍ତ ନିଯୁକ୍ତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୭ (ସକାଳ ଖବର): ୨ ମାସ ମଧ୍ୟରେ ଲୋକାୟୁକ୍ତ ନିଯୁକ୍ତ କରିବା ପାଇଁ ସୁପ୍ରିମ୍ କୋର୍ଟ ଓଡିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର ସୁପ୍ରିମ୍ କୋର୍ଟ ବିଚାରପତି ରଂଜନ ଗୋଗେଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛି। ଆଜି କୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଲୋକାୟୁକ୍ତ ନିଯୁକ୍ତି ନେଇ ଦିଆଯାଇଥିବା ସତ୍ୟପାଠ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ସମ୍ପର୍କରେ ଅବଗତ କରାଯାଇଥିଲା। ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ସମୟ ମାଗିବାରୁ ଏହାକୁ ବିଚାରକୁ ନେଇ କୋର୍ଟ ୨ ମାସ ସମୟ ଦେଇଛନ୍ତି। ଏହି ମଧ୍ୟରେ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ପୁନଃ ସତ୍ୟପାଠ ଦାଖଲ କରିବା ପାଇଁ ପୂର୍ବରୁ ସୁପ୍ରିମ୍ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେତେବେଳେ ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତ କରିବା ପାଇଁ ସମୟ ମାଗିଥିଲେ ।

ନବରଙ୍ଗପୁରର ଜିଲ୍ଲାପରିଷଦ ଅଧ୍ୟକ୍ଷାଙ୍କ ପଦ ରଦ୍ଦ

ଭୁବନେଶ୍ୱର,୧୦।୭ (ସକାଳ ଖବର): ନବରଙ୍ଗପୁରର ଜିଲ୍ଲାପରିଷଦ ଅଧ୍ୟକ୍ଷା ଭଗବତୀ ବତ୍ରାଙ୍କ ସଭ୍ୟ ପଦ ରଦ୍ଦ ହୋଇଛି। ଏହାସହ ଅଧ୍ୟକ୍ଷା ପଦବୀ ନିର୍ବାଚନ କରିବା ପାଇଁ ନବରଙ୍ଗପୁର ଜିଲ୍ଲା ଦୌରା ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କର ଏହି ରାୟ ଦ୍ୱାରା ବିଜେଡିକୁ ଝଟକା ଲାଗିଛି। ନିର୍ବାଚନ ବେଳେ ଆଇନ୍ ଉଲ୍ଲଂଘନ କରିଥିବା ଅଭିଯୋଗ କରି ଭଗବତୀଙ୍କ ବିରୋଧରେ ପିଟିସନ୍ ଦିଆଯାଇଥିଲା। ଏହି ପିଟିସନ୍ ଉପରେ ଶୁଣାଣୀ କରି କୋର୍ଟ ଏହି ରାୟ ଦେଇଛନ୍ତି। ଜିଲ୍ଲାର ୨୬ଟି ଜୋନ୍ ମଧ୍ୟରୁ ୧୧ ଟି ଜୋନ୍‌ରେ **(ପୃଷ୍ଠା-୭)**

"LÿÁÿæLÿ^ÿsLÿ Ó¸,ÿ LÿÀÿ¯ÿæLÿ fê¯ÿœÿ{Àÿ ¯ÿÜÿ ÓóWÌ LÿÀÿ¯ÿæLÿ ¨{xÿ"

¯ÿÉÎ `ÿtÿÉÅÿê Ó• Àÿqœÿ þÜÿæÀÿ$æZÿ ÓÜÿ ¯ÿ{ÉÌ Óæäæ†ÿLÿæÀÿ

Ó• Àÿqœÿ þÜÿæÀÿ$æ

{¨æLæ {Lÿüÿ{Àÿ ¨'ÿÉ†ÿ {ÜÿæB$¯ÿæ `ÿ†ÿLÿæÀÿ

Aæ{þÀÿLÿ{Àÿ Ó•Àÿqœÿ `ÿ†ÿLÿæÀÿ `ÿæÜÿÿæ

6s Éäæœÿ Ïæœÿ£Lÿ D‡Î Óó×æœÿ {Wæ Ì†ÿ Lÿ{àÿ ÓÀÿLÿæÀÿ D‡Î Óó×æœÿLÿ 5 ¯ÿÌ þš{Àÿ 1000 {Lÿæs sZÿæ ¨¾¿;ÿ Aæ$Lÿ ÓÜÿæß†ÿæ

¨LÿæÉ ¨æBàÿæ ¾Nÿ 2 'ÿ†ÿêß ¨¾¿æß Lÿs Aüÿ þæLÿ

fèÿàÿ{Àÿ Àÿæ†ÿ Óæ Àÿæ AsLÿ ÀÿÜÿ$¯ÿæ 4 dæ†ÿê D•æÀÿ

SÝÿàÿæ ÀÿæDÀÿ{Lÿàÿæ-Óºàÿ¨Àÿ {þþ {sœÿ

¯ÿ{äæµÿLÿæÀÿê-{¨æàÿÓ ™Öæ™Ö

Éêþ¢Àÿæ{Àÿ œÿ†ÿLÿæ;ÿ ¨æB Éêþ¢Àÿæ{Àÿ ¨Öæ'ÿ ¨ÿ{f LÿÀÿæd;ÿ {Ó¯ÿLÿ

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ